"ମିଠେ ବଚ୍ଚେ:- ଦୁନିଆରେ ଯଦିଓ ଆଉ କାହା ପ୍ରତି ତୁମର ଡର ନ ରହୁ କିନ୍ତୁ ଏହି ବାବାଙ୍କ ପ୍ରତି ତୁମମାନଙ୍କର ନିଶ୍ଚିତ ଡର ରହୁ, କାରଣ ଡର ରଖିବା ଅର୍ଥାତ୍ ପାପ କର୍ମରୁ ଦୂରେଇ ରହିବା ।"

ପ୍ରଶ୍ନ:- ବାବା ପ୍ରତ୍ୟେକ ପିଲାକୁ ନିଜର ଯାଞ୍ଚ କରିବା ପାଇଁ ଅର୍ଥାତ୍ ଚାର୍ଟ ରଖିବା ପାଇଁ ଶ୍ରୀମତ କାହିଁକି ଦେଉଛନ୍ତି?

ଉତ୍ତର:- କାହିଁକି ନା ଈଶ୍□ରୀୟ ନିୟମ ବହୁତ କଡା । ଯଦି ବ୍ରାହ୍ମଣ ହେବା ପରେ ମଧ୍ୟ ଛୋଟ-ଛୋଟ ଭୁଲ୍ ହେଉଛି ତେବେ ବହୁତ କଡା ଦଣ୍ଡ ଭୋଗ କରିବାକୁ ପଡିବ, ସେଥିପାଇଁ ବାବା କହୁଛନ୍ତି ନିଜର ଯାଞ୍ଚ କର । ଯଦି କୌଣସି ବି ପୁରୁଣା ହିସାବ-କିତାବ ରହିଲା ତେବେ ମାନୀ ଏବଂ ମୋଚରା ଖାଇବାକୁ ପଡିବ ଅର୍ଥାତ୍ ଦଣ୍ଡ ଭୋଗ କରି ଛୋଟ ପଦଟିଏ ପାଇବ । ଏବେ ତ ବିନାଶର ସମୟ ବହୁତ ନିକଟରେ, ସେଥିପାଇଁ ନିଜର ସବୁ ହିସାବ-କିତାବକୁ ଯୋଗବଳ ଦ୍□ାରା ଚୁକ୍ତ କର ।

ଓମ୍ ଶାନ୍ତି । ବାବାଙ୍କ ସ୍ମୃତିରେ ତ ପିଲାମାନେ ସ୍□ତଃ ରହୁଛନ୍ତି । ଏକଥା ମନେ ପକାଇ ଦେବାର ଆବଶ୍ୟକତା ନାହିଁ । ବାବାଙ୍କର ନିର୍ଦ୍ଦେଶ ରହିଛି ଯେ ଚାଲିବା-ବୁଲିବା, ଉଠିବା-ବସିବା ସମୟରେ ବାବାଙ୍କୁ ମନେ ପକାଅ ତେବେ ରାବଣ ଯିଏକି ତୁମଭମାନଙ୍କୁ ପତିତ କରିଦେଇଛି, ତା ଉପରେ ବିଜୟୀ ହୋଇଯିବ । ତୁମକୁ କୌଣସି ଅସ୍ତ୍ରଶସ୍ତ୍ର ଆଦି ଦିଆଯାଉନାହିଁ, କେବଳ ଯୋଗବଳ ଦ୍□ାରା ତୁମେ ରାବଣ ଉପରେ ବିଜୟ ପ୍ରାପ୍ତ କରୁଛ । ତୁମକୁ ବିଜୟୀ ନିଶ୍ଚିତ ହେବାର ଅଛି ଏବଂ ଏହି ସଂଗମଯୁଗରେ ହିଁ ହେଉଛ, ଯେତେବେଳେ କି ରାବଣ ରାଜ୍ୟ ସମାପ୍ତ ହୋଇ ରାମରାଜ୍ୟର ସ୍ଥାପନା ହେବାର ଅଛି । ବାବା ହିଂସା ତ କେବେ ଶିଖାଇପାରିବେ ନାହିଁ । ଦେବତାମାନଙ୍କର ହେଉଛି ହିଁ ଅହିଂସା ପରମୋଧର୍ମ । ଦୁନିଆ ଏକଥା ଜାଣିନାହିଁ ଯେ ସେଠାରେ ଅର୍ଥାତ୍ ସତ୍ୟଯୁଗରେ କାମ ବିକାରର ହିଂସା ରହିବ ନାହିଁ । ଯେଉଁମାନେ କଳ୍ପ ପୂର୍ବରୁ ନିର୍ବିକାରୀ ହୋଇଥିବେ ସେହିମାନେ ହିଁ ତୁମର କଥାକୁ ମାନିବେ । ଏବେ ତୁମେମାନେ ଯୁଦ୍ଧ ଭୂମିରେ ଅଛ । ଶିବଶକ୍ତି ସେନା ବୋଲି ଗାୟନ ମଧ୍ୟ ରହିଛି । ତୁମେମାନେ ହେଉଛ ଗୁପ୍ତ ଯୋଦ୍ଧା, ପ୍ରତ୍ୟେକେ ନିଜ ପାଇଁ ହିଁ ଲଢେଇ କରୁଛ । ତୁମକୁ ମାୟାଜିତ୍ ତଥା ଜଗତଜିତ୍ ହେବାକୁ ପଡିବ । ତୁମେ ନିଜ ପାଇଁ ହିଁ କରୁଛ, ଅର୍ଥାତ୍ ନିଜର ଭାରତ ଦେଶ ପାଇଁ କରୁଛ । ଏଥିରେ ଯେଉଁମାନେ ଶ୍ରେଷ୍ଠ ପୁରୁଷାର୍ଥ କରୁଛନ୍ତି ସେହିମାନେ ହିଁ ବିଜୟୀ ହେଉଛନ୍ତି । ଯେଉଁମାନେ ୫ ବିକାର ଉପରେ ବିଜୟୀ ହେବେ ସେହିମାନେ ହିଁ ଜଗତ୍ଜିତ୍ ହେବେ ଆଉ କୌଣସି ଜିନିଷ ଉପରେ ବିଜୟ ପାଇବାର କଥା ନୁହେଁ । ତୁମର ହେଉଛି ହିଁ ରାବଣ ଉପରେ ବିଜୟୀ ହେବା ଅର୍ଥାତ୍ ଦୈବୀଗୁଣ ଧାରଣ କରିବା । ଦୈବୀଗୁଣ ଧାରଣ କରିବା ବିନା ତୁମେମାନେ ସତ୍ୟଯୁଗକୁ ଯାଇପାରିବ ନାହିଁ । ତେଣୁ ନିଜକୁ ପଚାରିବାକୁ ହେବ ଯେ କେଉଁ ପର୍ଯ୍ୟନ୍ତ ମୁଁ ଦୈବୀଗୁଣ ଧାରଣ କରିଛି? ଦୈବୀଗୁଣ ଧାରଣ କରିବା ଅର୍ଥ ରାବଣ ଉପରେ ବିଜୟ ଲାଭ କରିବା । କହୁଛନ୍ତି ରାମରାଜ୍ୟ ଥିଲା ତେବେ ଜଣେ ରାମ ତ ରାଜ୍ୟ କରି ନ ଥିବେ? ପ୍ରଜା ମଧ୍ୟ ଥିବେ । ଏଠାରେ ରାଜା, ରାଣୀ ତଥା ପ୍ରଜା ସମସ୍ତେ ରାବଣ ଉପରେ ବିଜୟୀ ହେଉଛନ୍ତି । ଦୈବୀଗୁଣ ଧାରଣ କରୁଛନ୍ତି । ଦୈବୀଗୁଣ ଦ୍□ାରା ଖାଇବା-ପିଇବା, କଥା କହିବା, କର୍ମ କରିବା ସବୁ ଶୁଦ୍ଧ ପବିତ୍ର ହୋଇଥାଏ । ପ୍ରତ୍ୟେକ କ୍ଷେତ୍ରରେ ସତ୍ୟ କହିବାକୁ ହେବ । ବାବା ହେଉଛନ୍ତି ହିଁ ସତ୍ୟ । ତେବେ ଏପରି ବାବାଙ୍କ ସହିତ କେତେ ସତ୍ୟତା ଆଚରଣ କରିବା ଦରକାର । ଯଦି ସତ୍ୟତା ନାହିଁ ତେବେ ତୁମର ଗତି କେତେ ଖରାପ ହୋଇଯିବ । ତୁମର ଗତି ତ ଶ୍ରେଷ୍ଠ ହେବା ଦରକାର । ତୁମକୁ ନରରୁ ନାରାୟଣ, ନାରୀରୁ ଲକ୍ଷ୍ମୀ ହେବାକୁ ପଡିବ । କୁହାଯାଇଥାଏ ମଧ୍ୟ - ତୁମର ଗତି ମତ ତୁମେ ହିଁ ଜାଣିଛ । ବାବା ଯେଉଁ ମତ ଦେଉଛନ୍ତି, ତାହା ଦ୍□ାରା କେତେ ଉଚ୍ଚ ଗତି ହୋଇଥାଏ । ସର୍ବୋଚ୍ଚ ବାବା ଆମକୁ ସର୍ବୋଚ୍ଚ ଗତି ପ୍ରାପ୍ତ କରାଉଛନ୍ତି । ତେବେ ବର୍ତ୍ତମାନ ଶ୍ରୀମତରେ ଚାଲି ଦୈବୀଗୁଣ ଧାରଣ କରିବାକୁ ହେବ । ଜନ୍ମ-ଜନ୍ମାନ୍ତରର ପାପ ଯୋଗବଳ ବିନା କଟିବ ନାହିଁ, ସେଥିପାଇଁ ଯୋଗର ଯାତ୍ରା ବହୁତ ଭଲ ଭାବରେ ମନଯୋଗ ସହିତ କରିବା ଦରକାର । ଅମୃତବେଳାରେ ଯୋଗର ସ୍ଥିତି ଭଲ ରହେ । ସେହି ସମୟରେ ବାୟୁମଣ୍ଡଳ ଭଲ ରହିଥାଏ । ଦିନରେ କେତେ ସମୟ ବି ଯୋଗରେ ବସ କିନ୍ତୁ ତାହା ଅମୃତବେଳା

ପରି ପ୍ରଭାବଶାଳୀ ନୁହେଁ ।

ଆମର କଥାଗୁଡିକ ଗୁପ୍ତ ଅଟେ । ଇଂରାଜୀରେ କହିଥାନ୍ତି "□ି ଆର୍ ଆଟ୍ □ାର ''ଅର୍ଥାତ୍ ଆମେ ସମସ୍ତେ ଯୁଦ୍ଧ ସ୍ଥଳରେ ଅଛୁ, ଆମମାନଙ୍କର ଲଢେଇ ରାବଣ ସହିତ ହେଉଛି । ଇଏ ହେଉଛି ଆମର ପ୍ରଥମ ନମ୍ବରର ଶତ୍ରୁ । ବାବାଙ୍କ ଶ୍ରୀମତକୁ ଆଧାର କରି ରାମ ସମ୍ପ୍ରଦାୟ ରାବଣ ସମ୍ପ୍ରଦାୟ ଉପରେ ବିଜୟ ପ୍ରାପ୍ତ କରିବ । ବାବା ସର୍ବଶକ୍ତିମାନ୍ ଅଟନ୍ତି ନା । ଦୁନିଆ ତ ବିଚରା ଏହି ସମୟରେ ଘୋର ଅନ୍ଧକାରରେ ରହିଛି । ସେମାନେ ଜାଣିନାହାଁନ୍ତି ଯେ ଆମେ ହାରି ଯାଇଛୁ । ମାୟାଠାରୁ ହାରିଲେ ହାରିଯିବ, ମାୟା କାହାକୁ କୁହାଯାଉଛି - ଏକଥା ମଧ୍ୟ କେହି ଜାଣିନାହାଁନ୍ତି । ସମଗ୍ର ଲଙ୍କାରେ ରାବଣର ରାଜତ୍ୱ ଥିଲା । ଶାସ୍ତ୍ରର ଗୁଡିକରେ ଭକ୍ତିମାର୍ଗର କେତେ ମିଥ୍ୟା କଥାମାନ ଲେଖି ଦେଇଛନ୍ତି, ଯାହାକୁ ତୁମେ ଜନ୍ମ-ଜନ୍ମାନ୍ତର ପଢିଆସିଛ । ଶାସ୍ତ୍ରବାଦୀମାନେ ଏବେ ମଧ୍ୟ କହୁଛନ୍ତି ଶାସ୍ତ୍ର ତ ନିଶ୍ଚୟ ପଢିବା ଆବଶ୍ୟକ । ଯେଉଁମାନେ ପଢୁନାହାଁନ୍ତି ତାଙ୍କୁ ନାସ୍ତିକ କହୁଛନ୍ତି । ବାବା କହୁଛନ୍ତି - ଶାସ୍ତ୍ର ପଢି ପଢି ସମସ୍ତେ ନାସ୍ତିକ ହୋଇଯାଇଛନ୍ତି । ଏକଥା ପିଲାମାନଙ୍କୁ ଭଲ ଭାବରେ ବୁଝାଇବାକୁ ହେବ ଯେ ଭାରତ ଯେବେ ସତ୍ତ୍□ପ୍ରଧାନ ଥିଲା ତେବେ ତାକୁ ସ୍□ର୍ଗ କୁହାଯାଉଥିଲା । ସେହି ଭାରତବାସୀ ୮୪ ଜନ୍ମ ନେଇ ନେଇ ଏବେ ପତିତ ତମୋପ୍ରଧାନ ହୋଇଯାଇଛନ୍ତି । ଏବେ ପୁଣି ପବିତ୍ର କିପରି ହେବେ । ବାବା କହୁଛନ୍ତି - ମୋତେ ମନେ ପକାଅ ତେବେ ତୁମେମାନେ ସତ୍ତ୍□ପ୍ରଧାନ ପବିତ୍ର ହୋଇଯିବ, ଆଉ କୌଣସି ଦେହଧାରୀକୁ ସ୍ମରଣ କର ନାହିଁ । କାହାକୁ ଗୁରୁ କର ନାହିଁ । କୁହାଯାଏ ଗୁରୁଙ୍କ ବିନା ଘୋର ଅନ୍ଧକାର ଅଟେ । ଅନେକାନେକ ଗୁରୁ ଅଛନ୍ତି । କିନ୍ତୁ ସମସ୍ତେ ଅନ୍ଧକାରକୁ ନେଇଯିବାବାଲା ଅଟନ୍ତି । ବାବା କହୁଛନ୍ତି - ଯେବେ ଜ୍ଞାନ ସୂର୍ଯ୍ୟ ଆସିବେ ତେବେ ଘୋର ଅନ୍ଧକାର ଦୂର ହେବ । ଯଦିଓ ସନ୍ନ୍ୟାସୀମାନେ ପବିତ୍ର ରହୁଛନ୍ତି କିନ୍ତୁ ସେମାନେ ବିକାରର ଜନ୍ମ ନେଉଛନ୍ତି ନା । ଦେବୀ-ଦେବତାମାନେ ତ ବିକାରରେ ଜନ୍ମ ଗ୍ରହଣ କରୁ ନାହାଁନ୍ତି । ଏଠାରେ ସମସ୍ତଙ୍କ ଶରୀର ବିକାରଯୁକ୍ତ ଅଟେ । ବାବା ଏହିପରି ବିକାରଯୁକ୍ତ ବସ୍ତ୍ରକୁ ସଫା କରୁଛନ୍ତି । ଯଦି ଆତ୍ମା ପବିତ୍ର ହେବ ତେବେ ଶରୀର ମଧ୍ୟ ପବିତ୍ର ମିଳିବ । ସେଥିପାଇଁ ପୁରୁଷାର୍ଥ କରିବାକୁ ହେବ । ନିଜକୁ ନିଜେ ଯାଞ୍ଚ କରିବାକୁ ହେବ - ମୋ ଦ୍□ାରା କୌଣସି ଖରାପ କର୍ମ ହେଉନାହିଁ ତ । ଈଶ୍□ରୀୟ ନିୟମ ମଧ୍ୟ ବହୁତ ଶକ୍ତ ଅଟେ । ଯଦି କେହି ଖରାପ କର୍ମ କରନ୍ତି ତେବେ ତାଙ୍କର ଦଣ୍ଡ ବହୁତ କଠୋର ଅଟେ । ଏହା ହେଉଛି ବିନାଶର ସମୟ । ଯୋଗବଳ ଦ୍□ାରା ସବୁ ହିସାବ-ପତ୍ର ଚୁକ୍ତ କରିବାକୁ ହେବ । ଯଦି ହିସାବ ଚୁକ୍ତ ନ କଲ ତେବେ ଦଣ୍ଡ ଭୋଗ କରିବାକୁ ପଡିବ । ସେଥିପାଇଁ କୁହାଯାଏ - ମୋଚରା ଏବଂ ମାନୀ । ମାନୀ ଅଥବା ପଦ ସମସ୍ତଙ୍କୁ ମିଳିବ । ମୁକ୍ତି ଏବଂ ଜୀବନମୁକ୍ତିର ମାନୀ ତ ସମସ୍ତଙ୍କୁ ଦେବେ । କେହି ସମ୍ମାନର ସହିତ ଉତ୍ତୀର୍ଣ୍ଣ ହେବେ, କାହାକୁ ଦଣ୍ଡ ମିଳିବ ପୁଣି ଛୋଟ ପଦ ପାଇବେ । ସିଂହାସନ ଉପରେ ତ ସେମାନେ ବସିପାରିବେ ନାହିଁ । ଯଦି କୌଣସି ଖରାପ କର୍ମ କରିବ ତେବେ ସମ୍ମାନ ହାନି ହେବ, ତାହା ପୁଣି ବାବାଙ୍କ ସମ୍ମୁଖରେ । ଶିବବାବା ବସିଛନ୍ତି ନା । ତୁମମାନଙ୍କୁ ସାକ୍ଷାତ୍କାର କରାଇବେ ଯେ ମୁଁ ଏହାଙ୍କ ଶରୀରରେ ଥିଲି, ତୁମକୁ କେତେ ବୁଝାଇଥିଲି । ବର୍ତ୍ତମାନ ମୁଁ ଫରିସ୍ତା ବ୍ରହ୍ମାଙ୍କ ଶରୀରରେ ଅଛି । ତୁମେ କନ୍ୟାମାନେ ସମ୍ପୂର୍ଣ୍ଣ ବାବାଙ୍କ ପାଖକୁ ଯାଉଛ । ତାଙ୍କ ଦ୍□ାରା ଶିବବାବା ନିର୍ଦ୍ଦେଶ ଆଦି ଦେଉଛନ୍ତି ନା । ତୁମକୁ ବାବା ସାକ୍ଷାତ୍କାର କରାଇବେ ଯେ ଏହାଙ୍କ ଶରୀରରେ ବସି ତୁମକୁ କେତେ ପାଠ ପଢାଉଥିଲି, ବୁଝାଉଥିଲି ଯେ ଦୈବୀଗୁଣ ଧାରଣ କର, ସେବା କର । କାହାର ନିନ୍ଦା କର ନାହିଁ । ତଥାପି ତୁମେ ଏହି କାମ କଲ, ଏବେ ଦଣ୍ଡ ଭୋଗ କର । ଯେତେ-ଯେତେ ପାପ କରିଥିବ, ସେହି ଅନୁଯାୟୀ ଦଣ୍ଡ ଭୋଗ କରିବାକୁ ପଡିବ । କେହି-କେହି ବହୁତ ଦଣ୍ଡ ପାଇଥାନ୍ତି, କେହି କମ୍ । ସେମାନଙ୍କ ଭିତରେ ବି କ୍ରମାନୁସାରେ ରହିଛନ୍ତି, ତେଣୁ ଯେତେ ଦୂର ସମ୍ଭବ ଯୋଗବଳ ଦ୍□ାରା ବିକର୍ମଗୁଡିକୁ ଚୁକ୍ତ କରିବାକୁ ହେବ । ପିଲାମାନଙ୍କୁ ଏହା ଧ୍ୟାନ ରଖିବାକୁ ହେବ ଯେ ଆମେ ସମ୍ପୂର୍ଣ୍ଣ ଖାଣ୍ଟି ସୁନା କିପରି ହେବୁ? ଉଠିବା ବସିବା ସମୟରେ ଏହି କଥା ବୁଦ୍ଧିରେ ରହୁ, ଯେତେ ବାବାଙ୍କୁ ମନେ ପକାଇବା ସେତେ ଉଚ୍ଚ ପଦ ପାଇବା । ମାୟାର ତୋଫାନ ପାଇଁ ଚିନ୍ତା କରିବାର ନାହିଁ । ଯେତିକି ସମୟ ମିଳୁଛି ବାବାଙ୍କୁ ମନେ ପକାଇବାକୁ ହେବ । ମୋତେ ତମୋପ୍ରଧାନରୁ ସତ୍ତ୍□ପ୍ରଧାନ ହେବାର ଅଛି । ଯଦି ବାବାଙ୍କୁ ମନେ ପକାଇବ ତେବେ ପାପ କଟିଯିବ । ଆଉ ଏବେ କୌଣସି ପାପ କରିବା ଅନୁଚିତ୍ । ନହେଲେ ତାହା ଶହେଗୁଣା ବୃଦ୍ଧି ହୋଇଯିବ । ଯଦି କ୍ଷମା ନ ମାଗିଲ ତା' ହେଲେ ବୃଦ୍ଧି ହୋଇ-ହୋଇ ସତ୍ୟାନାଶ ହୋଇଯିବ । ମାୟା ପାପ ପଛରେ ପାପ କରାଇ ଚାଲିବ । ତେଣୁ ଅବିନାଶୀ ପିତାଙ୍କର ଅସମ୍ମାନ ହୋଇଯିବ । ଏହି କଥା ମଧ୍ୟ ଅନେକ ଜାଣିପାରି ନଥାନ୍ତି । ବାବା ସବୁବେଳେ ବୁଝାଇଥାନ୍ତି ଯେ

ତୁମେମାନେ ଏପରି ଭାବ ଯେ ଶିବବାବା ମୁରଲୀ ଶୁଣାଉଛନ୍ତି ଶିବବାବା ନିର୍ଦ୍ଦେଶ ଦେଉଛନ୍ତି । ତେଣୁ ତାଙ୍କର ସ୍ମୃତି ମଧ୍ୟ ରହିବ ଏବଂ ମନରେ ଭସ୍ମ ମଧ୍ୟ ରହିବ । ବହୁତ ପାପ କରିଚାଲିଛନ୍ତି । ସ୍ପଷ୍ଟ ଭାବେ ଜଣାଇବା ଦରକାର ଯେ ବାବା ମୋ ଦ୍ୱାରା ଏହି ଭୁଲ୍ ହୋଇଗଲା । ବାବା ବୁଝାଉଛନ୍ତି ଯେ ପାପର ବୋଝ ମୁଣ୍ଡ ଉପରେ ବହୁତ ରହିଛି । ଯାହା କିଛି କରିଛ କହିଦିଅ । ସତ୍ୟ କହିବା ଦ୍ୱାରା ଅର୍ଦ୍ଧେକ ପାପ କମିଯିବ ।

ବାବା ବୁଝାଉଛନ୍ତି ଯେଉଁମାନେ ପ୍ରଥମ ନମ୍ବର ପୁଣ୍ୟ ଆତ୍ମା ହୋଇଥାନ୍ତି, ସେମାନେ ପୁଣି ପ୍ରଥମ ନମ୍ବର ପାପ ଆତ୍ମା ମଧ୍ୟ ହୋଇଯାଆନ୍ତି । ବାବା ନିଜେ କହୁଛନ୍ତି - ଏହା ତୁମମାନଙ୍କର ବହୁତ ଜନ୍ମର ମଧ୍ୟ ଅନ୍ତିମ ଜନ୍ମ ଅଟେ । ତୁମେମାନେ ପୁଣ୍ୟ ଆତ୍ମା ଥିଲ, ପୁଣି ଏବେ ପାପ ଆତ୍ମା ହୋଇଛ, ପୁନର୍ବାର ପୁଣ୍ୟ ଆତ୍ମା ହେବାର ଅଛି । ନିଜର କଲ୍ୟାଣ ତ କରିବାକୁ ହେବ । ଏଠାରେ ତୁମକୁ ମୁଣ୍ଡ ଆଦି ନୁଆଁଇବାର ଆବଶ୍ୟକତା ନାହିଁ, କେବଳ ବାବାଙ୍କୁ ମନେ ପକାଇବାକୁ ହେବ । ଯଦିଓ ଇଏ (ବ୍ରହ୍ମା) ବଯ୍ଷୋଜ୍ୟେଷ୍ଠ ଅଟନ୍ତି, ଇଏ ମଧ୍ୟ ନମସ୍କାର କରୁଛନ୍ତି । ପିଲାମାନେ କ'ଣ ଘରେ ପ୍ରତି ମୁହୂର୍ତ୍ତରେ ନମସ୍କାର କରିଥାନ୍ତି । ଥରେ ନମସ୍କାର କଲେ ପୁଣି ଏହାର ଉତ୍ତରରେ ମଧ୍ୟ ନମସ୍କାର କରାଯାଇଥାଏ । ବାବା କହୁଛନ୍ତି - ତୁମେ ମୋତେ ବଡ ଭାବି ନମସ୍କାର କରୁଛି, ମୁଁ ପୁଣି ତୁମମାନଙ୍କୁ ବିଶ୍ୱର ମାଲିକ ଭାବି ନମସ୍କାର କରୁଛି । ଏହାର ଭାବାର୍ଥ ରହିଛି ନା । ମନୁଷ୍ୟମାନେ ତ ରାମ-ରାମ କହିଦେଉଛନ୍ତି କିନ୍ତୁ ଏହାର ଅର୍ଥ କିଛି ବୁଝୁନାହାଁନ୍ତି । ବାସ୍ତବରେ ରାମ ଅର୍ଥାତ୍ ଶିବବାବା । ରଘୁପତି ରାମ ନୁହେଁ, ଏହି ରାମ ନିରାକାର ଅଟନ୍ତି । ତାଙ୍କର ନାମ ହେଉଛି ଶିବବାବା । ଶିବଙ୍କ ପାଖରେ କେହି ଏପରି କହନ୍ତି ନାହିଁ ଯେ ମୁଁ ରାମଙ୍କର ପୂଜା କରୁଛି । ବାବା କହୁଛନ୍ତି ତୁମେ ମନ୍ଦିରମାନଙ୍କରେ ଯାଇ ବୁଝାଅ ଯେ ଇଏ ବି ମନୁଷ୍ୟ ଥିଲେ । ତୁମେମାନେ ଏହାଙ୍କ ଆଗରେ ଯାଇ ମହିମା ଗାଉଛ - ଆପଣ ନିର୍ବିକାରୀ, ସର୍ବଗୁଣ ସମ୍ପନ୍ନ, ଆମେ ନୀଚ ପାପୀ ଅଟୁ । ଆମର ଏହି ଶରୀର ମଧ୍ୟ ମନୁଷ୍ୟର ଅଟେ ଏବଂ ତାଙ୍କର ସେହି ଶରୀର ମଧ୍ୟ ମନୁଷ୍ୟ ସଦୃଶ ଅଟେ କିନ୍ତୁ ତାଙ୍କ ଭିତରେ ଦୈବୀଗୁଣ ରହିଛି ସେଥିପାଇଁ ସେମାନେ ଦେବତା ଅଟନ୍ତି । ତୁମେମାନେ ନିଜେ କହୁଛ ଯେ - ଆମ ପାଖରେ ଆସୁରୀ ଗୁଣ ରହିଛି, ସେଥିପାଇଁ ଆମେ ବାନର ଅଟୁ । ଉଭୟଙ୍କର ଚେହେରା ଏକା ପ୍ରକାରର । କେବଳ ଚରିତ୍ରରେ ପ୍ରଭେଦ ରହିଛି । ଭାରତବାସୀ ହିଁ ମୁକୁଟଧାରୀ ଥିଲେ । ଏବେ କୌଣସି ମୁକୁଟ ନାହିଁ, ଗରିବ ମଧ୍ୟ ଭାରତବାସୀ ହିଁ ଅଟନ୍ତି । ବାବା ମଧ୍ୟ ଭାରତକୁ ହିଁ ଆସୁଛନ୍ତି । ଯେଉଁଠାରେ ସ୍ୱର୍ଗ ଗଢିବାର ଅଛି ତେବେ ସେଠାକୁ ବାବା ଆସିବେ ନା । ତାଙ୍କୁ କଳକୀ ଅବତାର କୁହାଯାଇଥାଏ, କେତେ କଳଙ୍କ ଲଗାଇଛନ୍ତି । ଯଦି ଅନ୍ୟ ଧର୍ମବାଲା ମଧ୍ୟ କିଛି କହୁଛନ୍ତି, ତେବେ ସେମାନେ ମଧ୍ୟ ଭାରତବାସୀମାନଙ୍କୁ ଅନୁସରଣ କରୁଛନ୍ତି । ନିଜେ ପଥରବୁଦ୍ଧି ହୋଇଥିବା ଯୋଗୁଁ ମୋତେ ମଧ୍ୟ ପଥର-ଗୋଡିରେ ଘୁରାଇ ଦେଇଛନ୍ତି । ସେମାନେ ବାବାଙ୍କୁ ଜାଣି ହିଁ ନାହାଁନ୍ତି ଯେ ବାବା ଏହାଙ୍କ ଶରୀରରେ ପ୍ରବେଶ କରି ଭାରତକୁ ମୁକୁଟଧାରୀ କରୁଛନ୍ତି । ଭାରତର କେତେ ସେବା କରୁଛନ୍ତି । ବାବା କହୁଛନ୍ତି ତୁମେମାନେ ମୋର କେତେ ଗ୍ଲାନି କରୁଛ । ମୁଁ ତୁମମାନଙ୍କୁ ସ୍ୱର୍ଗର ମାଲିକ କରୁଛି । ତୁମେମାନେ ମୋର କେତେ ଅପକାର କରୁଛ । ରାବଣ ତୁମର କେତେ ଦୁର୍ଦ୍ଦଶା କରିଦେଇଛି । ତୁମର ଅବସ୍ଥା କେତେ ଖରାପ ହୋଇଯାଇଛି, ସେଥିପାଇଁ ମୋତେ ଡାକୁଛ ହେ ପତିତ-ପାବନ ଆସ । ତୁମକୁ କେତେ ସହଜ ଭାବରେ ବୁଝାଉଛନ୍ତି । ତଥାପି କେତେକ ସନ୍ତାନ ଭୁଲିଯାଉଛନ୍ତି । ଯଦି ଯୋଗ ନାହିଁ ତେବେ ଧାରଣା ମଧ୍ୟ ହୋଇ ନ ଥାଏ ସେଥିପାଇଁ ବାବା କହୁଛନ୍ତି ବନ୍ଧନରେ ଥିବା ଆତ୍ମାମାନେ ସବୁଠାରୁ ଅଧିକ ମନେ ପକାଉଛନ୍ତି । ଶିବବାବାଙ୍କ ସ୍ମୃତିରେ ସହନ ମଧ୍ୟ କରିଥାନ୍ତି । ଭାରତବାସୀମାନଙ୍କ ମଧ୍ୟରେ ଯେଉଁମାନେ ଦେବୀ-ଦେବତା ହେବେ ସେହିମାନେ ହିଁ ଏଠାକୁ ଆସିବେ । ଆର୍ଯ୍ୟ ସମାଜୀମାନେ ଦେବତାମାନଙ୍କର ମୂର୍ତ୍ତି ପୂଜାକୁ ମାନି ହିଁ ନ ଥାନ୍ତି । ସେମାନେ କଳ୍ପ ବୃକ୍ଷର ଶେଷ ସମୟର ଶାଖା ପ୍ରଶାଖା ଅଟନ୍ତି, ସେମାନଙ୍କର ଅତି ବେଗୀରେ ୨-୩ ଜନ୍ମ ହୋଇଥିବ ।

ବହୁତ ଲୋକେ ଭାବୁଛନ୍ତି ବିକାର ବିନା ଦୁନିଆ କିପରି ଚାଲିବ । ଆରେ ଦେବତାମାନଙ୍କୁ ସମ୍ପୂର୍ଣ୍ଣ ନିର୍ବିକାରୀ ବୋଲି କୁହାଯାଏ ନା । ଏକଥା ମଧ୍ୟ କେହି ଜାଣିନାହାଁନ୍ତି ଯେ ସେଠାରେ ବିକାର ହିଁ ନାହିଁ । କଳ୍ପ ପୂର୍ବର ଆତ୍ମା ତୁରନ୍ତ ଏସବୁକୁ ବୁଝିଯାଇଥାନ୍ତି । ଗାୟନ ରହିଛି, ଭଗବାନୁବାଚ - କାମ ମହାଶତ୍ରୁ ଅଟେ । କିନ୍ତୁ ଭଗବାନ କେବେ କହିଥିଲେ - ଏକଥା କେହି ଜାଣିନାହାଁନ୍ତି । ଏବେ ତୁମେମାନେ ଜଗତଜିତ୍ ହେଉଛ । କିନ୍ତୁ ଉଚ୍ଚପଦ ପାଇବା ପାଇଁ ପରିଶ୍ରମ କରିବାକୁ ପଡିବ । ବାବା କହୁଛନ୍ତି - ଗୃହସ୍ଥ ବ୍ୟବହାରରେ ରହି କେବଳ ବୁଦ୍ଧିଯୋଗ ମୋ ସହିତ ଯୋଡ । ଯେବେକି ତୁମେ ବାବାଙ୍କର ହୋଇସାରିଛ ତେବେ ବାବାଙ୍କ ପ୍ରତି ସେତିକି ସ୍ନେହ ରହିବା ଆବଶ୍ୟକ । ବାକି ଅନ୍ୟ

ମାନଙ୍କ ସହିତ କାର୍ଯ୍ୟସ୍ଥ ହାସଲ କରିବା ଉଦ୍‌ଦେଶ୍ୟରେ ସ୍ନେହ ରଖିବାକୁ ହେବ । ବୁଦ୍ଧିରେ ଏହି ଧ୍ୟାନ ରଖିବାକୁ ହେବ ଯେ ସେମାନଙ୍କୁ ସ୍□ର୍ଗବାସୀ କିପରି କରିବୁ । ସତ୍ୟ ଯାତ୍ରାରେ ଯିବା ପାଇଁ ଉପାୟ କିପରି ବତାଇବୁ । ତାହା ହେଉଛି ଶାରୀରିକ ଯାତ୍ରା, ଯାହା ତୁମେ ଜନ୍ମ-ଜନ୍ମାନ୍ତର କରି ଆସିଛ । ଏହା ଏକମାତ୍ର ହିଁ ଯୋଗର ଯାତ୍ରା ଅଟେ । ଏବେ ଆମର ୮୪ ଜନ୍ମ ଶେଷ ହେଲା ପୁଣି ସତ୍ୟଯୁଗ ଇତିହାସର ପୁନରାବୃତ୍ତି ହେବ । ପତିତ ଆତ୍ମାମାନେ ତ ଘରକୁ ଯାଇପାରିବେ ନାହିଁ । ତେଣୁ ପବିତ୍ର କରିବା ପାଇଁ ପତିତ-ପାବନ ବାବା ଆସିବା ଦରକାର । ଯଦିଓ ସନ୍ନ୍ୟାସୀମାନେ ପବିତ୍ର ହେଉଛନ୍ତି କିନ୍ତୁ ସେମାନେ ଘରକୁ ଫେରି ଯାଇପାରିବେ ନାହିଁ । ସମସ୍ତଙ୍କୁ ଘରକୁ ନେଇ ଯିବାର କାମ ବାବା ହିଁ କରନ୍ତି । ବାବା ଆସି ସମସ୍ତଙ୍କୁ ରାବଣଠାରୁ ମୁକ୍ତ କରିଦେଉଛନ୍ତି । ସତ୍ୟଯୁଗରେ ଦୁଃଖଦାୟୀ କୌଣସି ଜିନିଷ ରହିବ ନାହିଁ । ତା'ର ନାମ ହିଁ ହେଉଛି ସୁଖଧାମ । ଏହା ହେଉଛି ଦୁଃଖଧାମ । ତାହା କ୍ଷୀର ସାଗର, ଏହା ହେଉଛି ବିଷସ୍ଥ ସାଗର ।

ଏବେ ତୁମେମାନେ ଜାଣୁଛ ଯେ ସ୍□ର୍ଗରେ ଆମେ କେତେ ସୁଖ, ଆରାମରେ ରହିଥାଉ । କ୍ଷୀର ସାଗରରୁ ବାହାରି ବିଷସ୍ଥ ସାଗରକୁ କିପରି ଆସୁଛୁ, ଏକଥା କେହି ଜାଣିନାହାଁନ୍ତି । ବାବା ବୁଝାଉଛନ୍ତି ତୁମକୁ ଶ୍ରୀମତରେ ଚାଲିବାକୁ ହେବ ପୁଣି ଏହାର ଉତ୍ତରଦାୟୀ ବାବା ହେବେ । ଶ୍ରୀମତ କହୁଛି - ହଁ ଯାଅ, ତୁମେ ଘର ଗୃହସ୍ଥରେ ରୁହ, ପିଲାମାନଙ୍କର ପାଳନା କର । ତାଙ୍କ ନିକଟରେ ଜ୍ଞାନର ଭୁଁ-ଭୁଁ କରୁଥାଅ, ତେବେ କିଛି ନା କିଛି କଲ୍ୟାଣ ହୋଇଯିବ । ସ୍□ର୍ଗକୁ ତ ଆସିଯିବେ । ବାବା ଆସି ୨୧ ଜନ୍ମ ପାଇଁ ନର୍କବାସୀରୁ ସ୍□ର୍ଗବାସୀ କରୁଛନ୍ତି । ଏକଥା ମଧ୍ୟସ୍ଥ ତୁମମାନଙ୍କ ବୁଦ୍ଧିରେ ଅଛି । ମନୁଷ୍ୟମାନେ ତ କିଛି ବି ଜାଣିନାହାଁନ୍ତି । ଇଏ ଅର୍ଥାତ୍ ବ୍ରହ୍ମା ମଧ୍ୟସ୍ଥ ପୂର୍ବରୁ କିଛି ଜାଣି ନ ଥଲେ । ଯେପରି ଏହାଙ୍କର ୮୪ ଜନ୍ମର କାହାଣୀ ରହିଛି - "ତତ୍ତ୍ତ୍□ମ୍" ଇଏ ବି ରାଜଯୋଗ ଶିଖୁଛନ୍ତି । ତୁମେ ହେଉଛ ରାଜଋଷି । ସେମାନେ ହେଉଛନ୍ତି ହଠଯୋଗ ଋଷି । ତୁମେମାନେ ଗୃହସ୍ଥ ବ୍ୟବହାରରେ ରହି ରାଜତ୍□ ପ୍ରାପ୍ତ କରୁଛ । ତୁମେ ସମସ୍ତେ ଶରଣାଗତି ହେବାକୁ ଆସିଛ ନା । ଲୋକେ ଭାବୁଛନ୍ତି ଏବେ ଆମେ ତ ସ୍□ର୍ଗରେ ବସିଛୁ । ଦୁନିଆରେ ମାୟାର ବହୁତ ଆଡମ୍ବର ରହିଛି । ଯେ ପର୍ଯ୍ୟନ୍ତ ନର୍କର ବିନାଶ ନ ହୋଇଛି ସେ ପର୍ଯ୍ୟନ୍ତ ସ୍□ର୍ଗ ତିଆରି ହୋଇପାରିବ ନାହିଁ । ମାୟାବୀ ମାନବ ଏହାକୁ ହିଁ ସ୍□ର୍ଗ ଭାବି ବସିଛନ୍ତି । ବାବାଙ୍କୁ ନୂଆ ଦୁନିଆ ସ୍ଥାପନ କରିବା ପାଇଁ କେତେ ପରିଶ୍ରମ କରିବାକୁ ପଡୁଛି । ସମସ୍ତେ ପୂରା ନର୍କବାସୀ ଅଟନ୍ତି । ସ୍□ର୍ଗବାସୀ ହେଉ ହିଁ ନାହାଁନ୍ତି । ବାବା କେତେ ସ୍ନେହରେ ବୁଝାଉଛନ୍ତି ।

ଆଚ୍ଛା! ମିଠା ମିଠା ସନ୍ତାନମାନେ ତୁମେ ରାବଣ ଉପରେ ବିଜୟ ପ୍ରାପ୍ତ କରିଲେ ହିଁ ଜଗତ୍‌ଜିତ୍ ହେବ । ସେଥିପାଇଁ ପୁରା ପୁରୁଷାର୍ଥ କରିବାକୁ ହେବ । ଆଚ୍ଛା! ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ଏଭଳି କୌଣସି କର୍ମ କରିବାର ନାହିଁ ଯାହା ଦ୍□ାରା ନିଜର ଇଜ୍‌ଜତ ଚାଲିଯିବ ବା ଦଣ୍ଡ ଭୋଗ କରିବାକୁ ପଡିବ । ମାୟାର ତୋଫାନ ଗୁଡିକୁ ଖାତିରି ନ କରି ଯେତେ ସମସ୍ୟ ମିଳୁଛି ବାବାଙ୍କୁ ମନେ ପକାଇବାକୁ ପଡିବ । ଏକମାତ୍ର ବାବାଙ୍କ ସହିତ ବାସ୍ତବ ଓ ନିସ୍□ାର୍ଥ ସ୍ନେହ ରଖିବାକୁ ହେବ ।

(୨) ନିଜର ଉଚ୍ଚ ଗତି ଅର୍ଥାତ୍ ଶ୍ରେଷ୍ଠ ସ୍ଥିତି ନିର୍ମାଣ କରିବା ପାଇଁ ସଚ୍ଚା ବାବାଙ୍କ ସହିତ ସଚ୍ଚା ରହିବାକୁ ହେବ । କୌଣସି କଥା ଲୁଚାଇବାର ନାହିଁ ।

ବରଦାନ:- ସବୁ ପ୍ରକାରର ଦାୟିତ୍□ର ବୋଝକୁ ବାବାଙ୍କୁ ଦେଇ ସର୍ବଦା ନିଜର ଉନ୍ନତି କରୁଥିବା ସହଜଯୋଗୀ ଭବ ।

ଯେଉଁ ପିଲାମାନେ ବାବାଙ୍କର କାର୍ଯ୍ୟସ୍ଥକୁ ସମ୍ପନ୍ନ କରିବାର ଦାୟିତ୍□ ନେବା ପାଇଁ ସଂକଳ୍ପ କରିନିଅନ୍ତି ସେମାନଙ୍କୁ ବାବା ମଧ୍ୟସ୍ଥ ସେତିକି ସହଯୋଗ ଦେଇଥାଆନ୍ତି । କେବଳ ଯାହା ସବୁ

ବ୍ୟର୍ଥ ବୋଝଗୁଡିକ ଅଛି ତା'କୁ ବାବାଙ୍କ ଉପରେ ଛାଡିଦିଅ । ବାବାଙ୍କର ହୋଇ ସାରିବା ପରେ ବାବାଙ୍କ ଉପରେ ଦାୟିତ୍□ର ବୋଝଗୁଡିକୁ ଛାଡି ଦେଲେ ସଫଳତା ମଧ୍ୟ ଅଧିକ ଏବଂ ଉନ୍ନତି ମଧ୍ୟ ସହଜରେ ହୋଇଥାଏ । ସେଥିପାଇଁ କାହିଁକି ଏବଂ କ'ଣ ପ୍ରଶ୍ନଠାରୁ ମୁକ୍ତ ରୁହ, ଯଦି ବିଶେଷ କରି ଫୁଲଷ୍ଟପ୍ ଲଗାଇବାର ସ୍ଥିତି ରହିଥିବ, ତେବେ ସହଜଯୋଗୀ ହୋଇ ଅତିନ୍ଦ୍ରିୟ ସୁଖର ଅନୁଭବ କରିଚାଲିବ ।

ସ୍ଲୋଗାନ:- ମନ ଏବଂ ବୁଦ୍ଧିରେ ଯଦି ସତ୍ୟତା ଥିବ ତେବେ ବାବାଙ୍କର ବା ପରିବାରର ବିଶ୍□ାସ ପାତ୍ର ହୋଇଯିବ ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଇଶାରା:- ବ୍ରହ୍ମାବାବାଙ୍କ ସମାନ ସମ୍ପନ୍ନ ଏବଂ ସମ୍ପୂର୍ଣ୍ଣ ସ୍ଥିତିର ଅନୁଭବ କର ।

ଯେତେଯେତେ ସମ୍ପୂର୍ଣ୍ଣ ସ୍ଥିତି ପାଖେଇ ଆସୁଥିବ ସେତେସେତେ ଅନ୍ୟମାନଙ୍କର ସଂକଳ୍ପକୁ ମଧ୍ୟ ଜାଣିପାରିବ, ଏଥିପାଇଁ ନିଜର ସଂକଳ୍ପ ଗୁଡିକ ଉପରେ କଡା ବ୍ରେକ ଲଗାଇବା ଦରକାର । ଯେଉଁମାନେ ନିଜର ସଂକଳ୍ପଗୁଡିକୁ ଏକତ୍ରିତ କରିପାରିବେ ସେହିମାନେ ହିଁ ଅନ୍ୟମାନଙ୍କର ସଂକଳ୍ପକୁ ବୁଝିପାରିବେ । ତେଣୁ ସଂକଳ୍ପର ବେଡିଙ୍ଗ୍ ବିସ୍ତର ବନ୍ଦ କରିଚାଲ ।